## ବୃଦ୍ଧଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

ଆସିକା,(ସୁରେନ୍ଦ୍ର ନାଥ ସାହୁ): ଗାଙ୍ଗପୁର ଥାନା ଚାଟୁଳା ଗ୍ରାମରେ ଶନିବାର ଉଦୟ ଡାକୁଆ (୮୨)ଙ୍କ ନିଜ ବାସ ଭବନରେ ମୃତ୍ୟୁ ଘଟିଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡ଼ ମେଡିକାଲ ଏଫ୍‌ଏମ୍‌ଟି ବିଭାଗକୁ ପଠାଇଛି। ଏ ନେଇ ଗାଙ୍ଗପୁର ଥାନାରେ ନଂ.୧୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଲାଞ୍ଚ ଗ୍ରହଣ ମାମଲା: ପ୍ରାଣୀ ଚିକିତ୍ସାଧିକାରୀ ଜେଲ ଗଲେ

ବ୍ରହ୍ମପୁର, ୧୭।୬ (ସୁବାସ ଚନ୍ଦ୍ର ପାଢ଼ୀ): ଗଞ୍ଜାମ ଜିଲା ଆସିକା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ରବି ନାରାୟଣ ସାହୁ ଶୁକ୍ରବାର ଏକ ଲାଞ୍ଚ ଗ୍ରହଣ ମାମଲାରେ ଗିରଫ ହୋଇଥିଲେ। ଭିଜିଲାନ୍ସ ମାମଲା ନମ୍ବର ୭/୨୩ ରେ ଡା. ସାହୁଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ପାଇଁ ମୁଦୁଲାଙ୍କ ଓକିଲ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଆବେଦନ କରିଥିଲେ। ବିଚାରପତି ଏହାର ଶୁଣାଣି ପାଇଁ ଆସନ୍ତା ୩୦ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଫଳରେ ଡା. ସାହୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ସରକାରୀ ଓକିଲ ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଆସିକା ଥାନା ଅନ୍ତର୍ଗତ ବାବନପୁର ଗ୍ରାମର ମୂଳ ନିବାସୀ ଅମରକାନ୍ତ ରାଉତରାୟ ତାଙ୍କର ଏକ ବୋଲେରୋ ମୋବାଇଲ ଭେଟିନେରୀ ୟୁନିଟ ପାଇଁ ଭଡ଼ା ସୂତ୍ରରେ କାର୍ଯ୍ୟକ୍ଷମ ରହିଛି। ଭଡ଼ା ସୂତ୍ରରେ ଲାଗିଥିବା ଗାଡ଼ି ୨୦୨୩-୨୪ ମସିହା ସକାଶେ ଚୁକ୍ତିନାମା ନବୀକରଣ କରିବାକୁ ମାଲିକ ଆବେଦନ କରିଥିଲେ। ହେଲେ ଆସିକା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ସାହୁ ଆବେଦନକାରୀ ରାଉତରାୟଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ଦେବାକୁ କହିଥିଲେ। ସେ ଏନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ।

### ଜି ଉଦୟଗିରି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କଲେ ସ୍ୱାସ୍ଥ୍ୟ ସଚିବ

ଜି.ଉଦୟଗିରି,୧୭।୬(ଶିଶିର ପଟ୍ଟନାୟକ): ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ସାଲିନୀ ପଣ୍ଡିତ ଶନିବାର ଅପରାହ୍ନ ୨ଟା ସମୟରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ପରିଦର୍ଶନ କରିଛନ୍ତି। ସଚିବ ହସ୍ପିଟାଲର ସ୍ୱଚ୍ଛତା, ନିରାମୟ, ପାଥୋଲୋଜି ବିଭାଗ, ଆଉଟ ଡୋର, ସେବିକା ପ୍ରକୋଷ୍ଠ ବୁଲି ଦେଖିବା ସହ ନର୍ସିଂ ଅଫିସରମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଇନ୍‌ଡୋର ଯାଇ ରୋଗୀମାନଙ୍କ ସହ କଥା ହୋଇଥିଲେ। ସଚିବଙ୍କ ଗସ୍ତ ବେଳେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ଉପାଧ୍ୟ, ଡିପିଏମ ମନୋରଞ୍ଜନ ସାହୁ, ଜି.ଉଦୟଗିରି ମେଡିକାଲ ଅଫିସର ଇନଚାର୍ଜ ଡାକ୍ତର ରତିକାନ୍ତ ସାହୁ, ବିପିଏମ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମ ପରାୟଣ ମହିଳାଙ୍କ ପରଲୋକ

ଆସିକା,୧୭.୬(ସୁରେନ୍ଦ୍ର ନାଥ ସାହୁ ): ଆସିକା ଏନ୍‌ଏସିର ରଘୁନାଥ ନଗରଠାରେ ଜଣେ ଧର୍ମ ପରାୟଣ ମହିଳା ତିଳତୋମା ପଟ୍ଟନାୟକଙ୍କ (୯୩) ଶନିବାର ଭୋରରେ ନିଜ ବାସ ଭବନରେ ପରଲୋକ ଘଟିଛି। ଗତ କିଛି ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ସ୍ଥିତିରେ ଶଯ୍ୟା ଶାୟୀ ଥିଲେ। ସତ୍ୟସାଇ ବାବାଙ୍କ ଆଶ୍ରିତା ତିଳତମା ସତ୍ୟ ଶାୟୀ ମହିଳା ସଂଗଠନକୁ ସୁଦୃଢ଼ କରି ତାହାରି ମାଧମରେ ଗ୍ରାମାଞ୍ଚଳରେ ବାଳ ବିକାଶ ଓ ବିଭିନ୍ନ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କର ମୃତ୍ୟୁ ସଯ୍ୟା ନିକଟରେ ବଡ଼ ପୁଅ ଷ୍ଟେଟ ବ୍ୟାଙ୍କ କର୍ମଚାରି ସଙ୍ଘର ପୂର୍ବତନ ରାଜ୍ୟ ସହ ସମ୍ପାଦକ ଅଜିତ କୁମାର ପଟ୍ଟନାୟକ, ଚିତ ରଞ୍ଜନ ପଟ୍ଟନାୟକ, ଓ ମନମୋହନ ପଟ୍ଟନାୟକଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ ।

### ଫାଷ୍ଟଫୁଡ ସେଣ୍ଟରରେ ଅଗ୍ନିକାଣ୍ଡ

ମୋହନା,୧୭।୬(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ପାଞ୍ଚଆମ୍ବ ଛକଠାରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନରେ ଅଗ୍ନିକାଣ୍ଡ ଘଟି ବ୍ୟାପକ ସାମଗ୍ରୀ ନଷ୍ଟ ହୋଇଛି। ସକାଳେ ଦୋକାନ ଖୋଲିବା ପାଇଁ ପ୍ରସ୍ତୁତ ହେବା ବେଳେ ହଠାତ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ହୋଇଥିଲା। ମୋହନା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଅଗ୍ନିକାଣ୍ଡରେ ପ୍ରାୟ ୮୦ ହଜାର ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡିଛି। ପ୍ରାଥମିକ ତଦନ୍ତରୁ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥିବା ଜଣାପଡିଛି।

### କୋଟଗଡ଼ରେ ଆଇନ ସଚେତନତା ଶିବିର

କୋଟଗଡ, ୧୭।୬ (ସରୋଜ ବଳିୟାର ସିଂ): ତାଲୁକା ଆଇନ ସେବା ସମିତି କୋଟଗଡ଼ଙ୍କ ଆନୁକୂଲ୍ୟରେ ଶନିବାର କୋଟଗଡ଼ କୋର୍ଟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୂଖ୍ୟବକ୍ତା ଭାବେ ତାଲୁକା ଆଇନ ସେବା ସମିତି ଚେୟାରମ୍ୟାନ ଶ୍ରୀ ଅନୁରାଗ ଦେହୁରୀ କୋଟଗଡ଼ ବାସୀଙ୍କୁ ସମ୍ବିଧାନରେ ଲିଖିତ ମୌଳିକ ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଲେ। ଏହି ଶିବିରରେ ପାନେଲ ଆଇନଜୀବୀ ଲମ୍ବୋଧର ପଣ୍ଡା, ସବିତା ସାମନ୍ତରାୟ ଏବଂ ଅନ୍ୟାନ୍ୟ କୋର୍ଟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ସଭା ଶେଷରେ କୋଟଗଡବାସୀ ଦେହୁରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ଧମାଳର ବିକାଶରେ ଆସିବ ବୈପ୍ଳବିକ ପରିବର୍ତ୍ତନ

ଫୁଲବାଣୀ/ଫିରିଙ୍ଗିଆ/କ,ନୂଆଗାଁ/ବାଲିଗୁଡା/କୋଟଗଡ଼/ଦାରିଙ୍ଗିବାଡି/ଜି.ଉଦୟଗିରି, ୧୭।୬(ରାକେଶ ରାଉତ/ବିକ୍ରମ ଦିଗାଲ/କାଳୀପ୍ରସାଦ ତ୍ରିପାଠୀ/ସଞ୍ଜୟ ପାଣିଗ୍ରାହୀ/ସରୋଜ ବଳିୟାରସିଂ/ଅରୁଣ ସାହୁ/ଶିଶିର ପଟ୍ଟନାୟକ/ସଞ୍ଜୀବ ପାତ୍ର)


ଦାରିଙ୍ଗିବାଡ଼ିଠାରେ ହିଲଭ୍ୟୁ ପାର୍କ ପରିଦର୍ଶନ କରୁଛନ୍ତି ୫-ଟି ସଚିବ।

- ୫-ଟି ସଚିବଙ୍କ ଗସ୍ତର ୨ୟ ଦିନ
- ଆସନ୍ତା ବର୍ଷରୁ ମେଡିକାଲ କଲେଜରେ ପାଠପଢ଼ା

୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ଦୁଇ ଦିନିଆ କନ୍ଧମାଳ ଗସ୍ତ ଶେଷ ହୋଇଛି। ଶନିବାର ସେ ଫୁଲବାଣୀ, ଫିରିଙ୍ଗିଆ, କ.ନୂଆଗାଁ, ବାଲିଗୁଡା, ଦାରିଙ୍ଗିବାଡି ଏବଂ ଜି.ଉଦୟଗିରି ଯାଇ ସମସ୍ତ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କନ୍ଧମାଳ ଜିଲାରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି କହିଥିଲେ। ସକାଳ ସାଢ଼େ ୬ଟାରେ ପାଣ୍ଡିଆନ ପ୍ରଥମେ ଉଦ୍ୟାନ କୃଷି ବିଭାଗକୁ ଯାଇ ସେଠାରେ ଚାଲିଥିବା ଫୁଡ ପ୍ରୋସେସିଂ ୟୁନିଟ ବୁଲି ଦେଖିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ମେଡିକାଲ କଲେଜର ଅଗ୍ରଗତି ଦେଖିଥିଲେ। ଡିସେମ୍ବର ସୁଦ୍ଧା ମେଡିକାଲ କଲେଜ ଶେଷ ହେବ ଓ ଆସନ୍ତା ବର୍ଷରୁ ପାଠପଢ଼ା ଆରମ୍ଭ ହେବ ବୋଲି କହିଥିଲେ। ଫିରିଙ୍ଗିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପିଲାଙ୍କ ସହ କଥା ହୋଇଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମିଶନ ଶକ୍ତି କାଫେକୁ ଯାଇଥିଲେ । ଏହି ଅବସରରେ ମିଶନଶକ୍ତି ନିର୍ଦ୍ଦେଶିକା ସୁଜାତା ପାଣ୍ଡିଆନଙ୍କୁ ଭିଡିଓ କଲ କରି ଏସ୍‌ଏଚ୍‌ଜି ମାନଙ୍କ ସହ କଥା କରାଇଥିଲେ। ଏହାପରେ ସାଧାରଣ ସଭାରେ ଯୋଗ ଦେଇଥିଲେ। କସମ ଯାଇ ହଳଦୀର ମାର୍କେଟିଂ ପାଇଁ ବିନା ସୁଧରେ ୩ କୋଟି ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କ.ନୂଆଗାଁ ଜଗନ୍ନାଥ ମନ୍ଦିର ନିର୍ମାଣ, ଚର୍ଚ୍ଚ ମରାମତି, ବସ୍ ଷ୍ଟାଣ୍ଡ ନିର୍ମାଣ କରାଯିବା ସହ ସିକେସରୁ ଦଣ୍ଡିମାହା ଗୁଁଜିଗାଁରୁ ଦରଡିକିଆ, ଡଡବାଡିରୁ ସାମ୍ବାକାମ୍ପା, ବୁଡାବାଲି ଛକରୁ ଟପରିକିଆ, ଟିପିଡିଙ୍ଗିଆରୁ ସ୍ଲାକାପିଙ୍ଗା ଭାୟା ବଗାଡିରେ ସେତୁ ନିର୍ମାଣ ହେବ ବୋଲି କହିଥିଲେ । ବାଲିଗୁଡାରେ ପାଟଖଣ୍ଡା ମନ୍ଦିର ଓ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ଭେଟି ମନ୍ଦିର ଗୁଡିକର ଉନ୍ନତି ନେଇ ଅଲୋଚନା କରିଥିଲେ । ଉପଖଣ୍ଡ ଚିକିତ୍ସାଳୟ ଯାଇ ସ୍ୱାସ୍ଥ୍ୟ ଭିତ୍ତିଭୂମି ନେଇ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କ ସହ ଆଲୋଚନା କରିଥିଲେ । ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଆୟୋଜିତ ସଭାରେ ଯୋଗଦେଇଥିଲେ। ମିଶନ ଶକ୍ତିରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଏହାର ଫାଇଦା ନେଇ ମହିଳାମାନେ ସଶକ୍ତ ହୁଅନ୍ତୁ ବୋଲି କହିଥିଲେ। ବାଲିଗୁଡାବାସୀଙ୍କୁ ୧୦୭ କୋଟି ଟଙ୍କା ବ୍ୟୟରେ ପାଇପ ପାଣିର ସୁବିଧା କରାଯିବା ନେଇ ଘୋଷଣା କରିଥିଲେ । ଦାରିଙ୍ଗବାଡି ହେଲିପ୍ୟାଡ଼ରେ ପହଞ୍ଚି ଏସ୍‌ଏଚ୍‌ଜିଙ୍କୁ ଭେଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ମହିଳାମାନଙ୍କୁ ବିଜୁ ସ୍ୱାସ୍ଥ୍ୟ ଯୋଜନା ସମ୍ପର୍କରେ ପ୍ରଶ୍ନ କରିବା ସହ ସ୍ୱତନ୍ତ୍ର ଡ୍ରାଇଭ ଦ୍ୱାରା ଯେଉଁମାନେ ଏହି ସ୍ୱାସ୍ଥ୍ୟ କାର୍ଡ ପାଇନାହାନ୍ତି, ସେମାନଙ୍କୁ ୬ ମାସ ମଧ୍ୟରେ ଯୋଗାଇ ଦିଆଯିବ ବୋଲି କହିଥିଲେ। ସେହିପରି ସମସ୍ତ ମନ୍ଦିର, ଚର୍ଚ୍ଚ ଆଦି ମରାମତି, ପୁନରୁଦ୍ଧାର କରାଯିବ ବୋଲି କହିଥିଲେ । ଯୋଗାଯୋଗ ନ ଥିବା ୩ଟି ଗାଁକୁ ବିଜୁ ସେତୁ ମାଧ୍ୟମରେ ଯୋଡାଯିବ । ଦାରିଙ୍ଗବାଡିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧୩ କୋଟି କେବଳ ଶୁଦ୍ଧ ପିଇବା ପାଣି ଘରେ ଘରେ ପହଞ୍ଚାଇବା ପାଇଁ ଅନୁଦାନ ପ୍ରଦାନ କରିଥିବା କହିଥିଲେ । ସେହିପରି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରୂପାନ୍ତିକରଣ, ବସ ଷ୍ଟାଣ୍ଡ ନିର୍ମାଣ, ପାଟାବାନ୍ଧା, ମିଡିୟୁ ବାନ୍ଦା ଜଳ ପ୍ରପାତ, ହିଲଭିୟୁ ପାର୍କ ନିର୍ମାଣ ସହ ପର୍ଯ୍ୟଟନକ୍ଷେତ୍ରର ବିକାଶ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସିର୍ତ୍ତୀଗୁଡା ଗ୍ରୀଡ଼କୁ କାର୍ଯ୍ୟକାରୀ କରିବା, ଜାତୀୟ ରାଜପଥର ଗାଜାଲବାଡି ଘାଟି ସମ୍ପ୍ରସାରଣ, ସିମନବାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ରୂପାନ୍ତିକରଣ କରିବା, ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ପାଇଁ ରୋପ ୱେ, ୱାଚ ଟାୱାର ନିର୍ମାଣ ପାଇଁ ଲୋକେ ଦାବି କରିଥିଲେ । ଜି.ଉଦୟଗିରିରେ ଏକ ଉନ୍ନତ ବସଷ୍ଟାଣ୍ଡ ନିର୍ମାଣ, ସିଟିକ ପାର୍କ ଓ ମୁକୁଲିଙ୍ଗିଆ ହିଲଟପ୍‌ର ଉନ୍ନତୀକରଣ କରାଯାଇ ସୁନ୍ଦର ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯିବ ବୋଲି କହିଥିଲେ। ସମସ୍ତ କଲେଜ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡିକୁ ୫ଟିରେ ଅନ୍ତର୍ଭୁକ୍ତ କରାଯାଇ ସ୍ମାର୍ଟ କ୍ଲାସ କରାଯିବ ବୋଲି କହିଥିଲେ। ଏହି ଗସ୍ତ ସମୟରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲାପାଳ ବସନ୍ତ ସାହୁ, ଦାରିଙ୍ଗିବାଡି ବିଡିଓ ଗଦାଧର ପାତ୍ର, ତହସିଲଦାର ଡଃ ଅଶୋକ କୁମାର ଦାସ, ବାଲିଗୁଡା ପିଏ ଆଇଟିଡିଏ ମଧୁସୂଦନ ବେହେରା, କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ପ୍ରମୁଖ ସାମିଲ ଥିଲେ ।

## ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି

ଶେରଗଡ,୧୭।୬(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ବ୍ଲକର ବିଭିନ୍ନ ମନ୍ଦିର, ଶକ୍ତି ପୀଠ ସୌନ୍ଦର୍ଯ୍ୟକରଣ କରାଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବେ। ଶକ୍ତିଶାଳୀ ପୀଠ ମଧ୍ୟରେ କରଞ୍ଜେଇ ପୀଠେରେ ୬୫ ଲକ୍ଷ ଖର୍ଚ୍ଚ ପାଇଁ ବ୍ୟୟ ବରାଦ ହୋଇଥିବା ବେଳେ ପଞ୍ଚୁଆଣୀରେ ତାରାତାରିଣୀ ପୀଠ ପାଇଁ ୪୫ ଲକ୍ଷ ବ୍ୟୟ ବରାଦ ହୋଇଛି। ଏଥି ନିମନ୍ତେ ସମସ୍ତ ପ୍ରସ୍ତୁତ ସରିଥିବା ବେଳେ ଆସନ୍ତା ୨୦ରୁ କାର୍ଯ୍ୟ ଶୁଭାରମ୍ଭ କରାଯିବ। ସେହିପରି ପିତ୍ତଳ ଜଗନ୍ନାଥ ମନ୍ଦିର, ଉତ୍ତରେଶ୍ୱର ମନ୍ଦିର ପାଇଁ ୯୦ଲକ୍ଷ, ଶେରଗଡ ଜଗନ୍ନାଥ ମନ୍ଦିର ପାଇଁ ୨୫ ଲକ୍ଷ, କରଡାକଣା ଉଦୟନାଥ ପାଇଁ ୫୦ ଲକ୍ଷ, ଝିଙ୍କାରୀଆ ପାଇଁ ୪୫, ଅଲାରିଗଡ ଶିବ ମନ୍ଦିର ପାଇଁ ୪୫ ଲକ୍ଷ ଅନୁଦାନ ଦେବା ପାଇଁ ରାଜ୍ୟ ସରକାର ଚିଠି କରିଛନ୍ତି। ଏହି ପ୍ରକଳ୍ପ ଗୁଡିକ ଆଗରୁ ୫-ଟି ସଚିବ ଭି. କେ ପାଣ୍ଡିଆନ ବୁଲି ଦେଖିଥିଲେ। ସେହି ପ୍ରକଳ୍ପ ଗୁଡିକର ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାର ପ୍ରସାଦ ପଣ୍ଡା, ବିଜେଡି ବ୍ଲକ ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା ପ୍ରମୁଖ ପିତ୍ତଳ ଜଗନ୍ନାଥ ମନ୍ଦିର ଓ ଉତ୍ତରେଶର ମନ୍ଦିର, ପରେ କରେଞ୍ଜାଇ ପୀଠ, ମା' ତରାତାରିଣି ପୀଠରେ ପହଞ୍ଚି ଜାଗା ବୁଲି ଦେଖିଥିଲେ। ତରାତାରିଣି ପୀଠରେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ପର୍ଶୁରାମ ସ୍ୱାଇଁ, ସୂର୍ଯ୍ୟ ନାରାୟଣ ଦାଶ,ବାସୁଦେବ ସ୍ୱାଇଁ ମନ୍ଦିର କାମକୁ ତ୍ୱରାନ୍ୱିତ କରିବାକୁ କହିଥିଲେ।

# ପନ୍ଦରାସାହି ଠାକୁରାଣୀ ଯାତ୍ରା ଉପଲକ୍ଷେ ପ୍ରତିଭା ଅନ୍ୱେଷଣ

ରମ୍ଭା,୧୭।୬(ବନବାସୀ ସେଠୀ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ପନ୍ଦରା ସାହି ରଜ ସଂକ୍ରାନ୍ତିରେ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଉପଲକ୍ଷେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ନୂତନ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାହି କମିଟି ପକ୍ଷରୁ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରତିଭା ଅନ୍ୱେଷଣରେ କୁନି କୁନି ନୂଆ କଳାକାରକୁ ନେଇ ୩ ଦିନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା ସମ୍ମାନିତ ଅତିଥି, ଓଡିଶା କଳିଙ୍ଗ ବୈଶ୍ୟ ମହାସଂଘ ସଭାପତି ଟି. କେଦାରନାଥ ସୁବୁଦ୍ଧି, ସାମାଜିକ କର୍ମୀ ସୁବାଷ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଅଧକ୍ଷ ପ୍ରସନ୍ନ କୁମାର ମିଶ୍ର, ପଣ୍ଡିତ ଜଗନ୍ନାଥ ଦାଶ, ଯାତ୍ରା ପରିଚାଳନା କମିଟି ସଭାପତି ବିଜୟ ଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ରାମଚନ୍ଦ୍ର ବାଡତ୍ୟା କୋଷାଧକ୍ଷ ସତ୍ୟନାରାୟଣ ବେହେରା ଓ ସଂଯୋଜକ ବାନାମ୍ବର ସେଠ ପ୍ରମୁଖ ମଞ୍ଚାସୀନ ହୋଇ ରମ୍ଭାର ଐତିହାସିକ, କଳା ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଦର୍ଶକମାନଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମକୁ କମିଟି ସଦସ୍ୟ ଶିବରାମ ବିଶ୍ୱାଳ, ସୀମାଞ୍ଚଳ ବାଡତ୍ୟା, ବୁଲୁ ବିଶ୍ୱାଳ, କୈଳାଶ ସାହୁ, କେଦାର ବାରିକ, ସ୍ୱାଧୀନ ପଣ୍ଡା, ଓ ଟୁନା ବାଡତ୍ୟା ପ୍ରମୁଖ ସହଯୋଗ କରିଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଉପସ୍ଥାପକ ଭାବେ ସଚିନ୍ଦ୍ର ପଟ୍ଟନାୟକ ରହିଥିବାବେଳେ ସଙ୍ଗୀତ ଗୁରୁ ଶ୍ରୀଧର ବେହେରା, ରୋହିତ ବାଡତ୍ୟା, ଦେବରାଜ ବାରିକ ଏବଂ ନୃତ୍ୟ ଗୁରୁ ନାରାୟଣ ନାୟକ, ଧନେଶ୍ୱର ପ୍ରଧାନ ଓ ସିଦ୍ଧାନ୍ତ ମହାନ୍ତି ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗୀମାନଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ବାଛି ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଦିଆଯାଇଥିଲା। ମୁଖ୍ୟ ଆକର୍ଷଣ କୁନି କଳାକାର ଶଙ୍କରିଲତା ବେଜଙ୍କ ଗୀତରେ ଦର୍ଶକ ଝୁମିଥିଲେ।

## ୫-ଟି ସଚିବଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ

ଖଜୁରୀପଡ଼ା,୧୭।୬(ବିଦୁର ବେହେରା)

ମା' ଇଷ୍ଟଦେବୀ ଯୁବ କଳା ପରିଷଦ ଯୁବକ ସଂଘ ନିଜ ଅଞ୍ଚଳର ବିକାଶ ପାଇଁ ଅଣ୍ଟା ଭିଡ଼ିଛି। ଦୁଇ ଦିନିଆ କନ୍ଧମାଳ ଗସ୍ତରେ ଆସିଥିବା ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କୁ ଶୁକ୍ରବାର ପରିଷଦର ସମ୍ପାଦକ ବିଦୁର ବେହେରା ଏବଂ ବରୁଣ ସାହାଣୀ ଭେଟି ବଲସକୁମ୍ପା ଅଞ୍ଚଳର ବିକାଶ ନିମନ୍ତେ ୭ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ପକନା ଠାରୁ ବଲସକୁମ୍ପା, ନବଗୁବା, ବାରିକୁମ୍ପା ଓ ବଲସକୁମ୍ପା ଗ୍ରାମରେ ଷ୍ଟ୍ରିଟ ଲାଇଟ୍, ପିଲାଶାଲୁଙ୍କି ଡ୍ୟାମ ରାସ୍ତାର ଉନ୍ନତିକର, ମା' ବରାଳ ଦେବୀ ମନ୍ଦିରର ଉନ୍ନତିକରଣ, ବଲସକୁମ୍ପା ଭାୟା ଦେଇ ଫୁଲବାଣୀରୁ ଭୁବନେଶ୍ୱର ବସ୍ ସେବା, ଇଷ୍ଟ ଦେବୀ ଯୁବ କଳା ପରିଷଦକୁ ସରକାରୀ, ସହାୟତା ଓ ପ୍ରୋତ୍ସାହନ ଯୋଗାଇ ଦେବା ଇତ୍ୟାଦି ଦାବିରେ ଉଲ୍ଲେଖ ଅଛି। ତେବେ ଏହି ଦାବିଗୁଡ଼ିକ ପୂରଣ ହେବ ବୋଲି ୫-ଟି ସଚିବ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ସିନ୍ଧୁ-ଉର୍ମି ସାହିତ୍ୟ ସଂସଦର ରଜ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଖଲ୍ଲିକୋଟ,୧୭।୬(ପ୍ରଶାନ୍ତ ମିଶ୍ର)

ଖଲ୍ଲିକୋଟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସିନ୍ଧୁ ଉର୍ମି ସାହିତ୍ୟ ସଂସଦ ପକ୍ଷରୁ ରଜ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିନ୍ଧୁ ଉର୍ମି ସାହିତ୍ୟ ସଂସଦ ସଭାପତି ସୁଧାଂଶୁ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରଜ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଉଦ୍‌ଘାଟିକା ଭାବେ ସ୍ଥାନୀୟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଆକାଶବାଣି ପୂର୍ବତନ ଉପ ମହାନିର୍ଦ୍ଦେଶିକା ଡ. ସୁଧା ମିଶ୍ର, ସମ୍ମାନୀତ ଅତିଥିଭାବେ ପ୍ରତିଭାବାନ ସୁଗାୟିକା ନନ୍ଦିନୀ ବେହେରା, କଳା ତଥା ସେବା ସମର୍ପିତ ପ୍ରତିଭା ରାମେଶ୍ୱରୀ ନନ୍ଦ, ବ୍ରହ୍ମପୁର ପୂର୍ବତନ ଆକାଶବାଣୀ ନିର୍ଦ୍ଦେଶକ ହୃଷିକେଷ ପାଣିଗ୍ରାହି, ଜିଲାପରିଷଦ ସଭ୍ୟା ସୋନମ ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଅତିଥି ମାନଙ୍କୁ ସାହିତ୍ୟ ସଂସଦ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନୀତ କରାଯାଇଥିଲା। ପରେ ଆକାଶବାଣି ପୂର୍ବତନ ଉପ ମହାନିର୍ଦ୍ଦେଶିକା ଡ. ସୁଧା ମିଶ୍ରଙ୍କୁ ମାନପତ୍ର ସହ ସିନ୍ଧୁ ଉର୍ମି ରଜ ରାଣୀ ସମ୍ମାନରେ ସମ୍ମାନୀତ କରାଯାଇଥିବା ବେଳେ ପ୍ରତିଭାବାନ ସୁଗାୟିକା ନନ୍ଦିନୀ ବେହେରା, କଳା ତଥା ସେବା ସମର୍ପିତ ପ୍ରତିଭା ରାମେଶ୍ୱରୀ ନନ୍ଦଙ୍କୁ ମାନପତ୍ର ସହ ସିନ୍ଧୁ ଉର୍ମି ରଜ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା।

# ବିନା ଫାର୍ମାସିଷ୍ଟରେ ଔଷଧ ବିତରଣ ଅଭିଯୋଗ

ପାରଳାଖେମୁଣ୍ଡି, ୧୭।୬ (ଗିରିଧାରୀ ପରିଚ୍ଛା)

ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନିରାମୟ କେନ୍ଦ୍ରରେ ଫାର୍ମାସିଷ୍ଟଙ୍କ ଅନୁପସ୍ଥିତିରେ ଅନିୟମିତତା ଭାବେ ଔଷଧ ବିତରଣ କରାଯାଉଥିବା ଅଭିଯୋଗ ହୋଇଛି। ଗୁମ୍ମା ଅଞ୍ଚଳର ଲକ୍ଷାଧିକ ଲୋକଙ୍କ ପ୍ରାଣକେନ୍ଦ୍ର ସାଜିଥିବା ଉକ୍ତ ସରକାରୀ ଡାକ୍ତରଖାନାରେ ଏଭଳି ଅବ୍ୟବସ୍ଥା ପାଇଁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ସମାଲୋଚନା ସୃଷ୍ଟି ହୋଇଛି। ଫାର୍ମାସି ଆକ୍ଟ ଅନୁସାରେ ଜଣେ ଫାର୍ମାସିଷ୍ଟ ହିଁ କେବଳ ଡାକ୍ତରଙ୍କ ପ୍ରେସକ୍ରିପସନରେ ଔଷଧ ବିତରଣ କରିପାରିବେ। କିନ୍ତୁ ଏଠାରେ ଅଣଫାର୍ମାସିଷ୍ଟମାନଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ସୂଚନା ମୁତାବକ, ଗୁମ୍ମା ନିରାମୟ କେନ୍ଦ୍ରରେ ଜଣେ ହେଲେ ଫାର୍ମାସିଷ୍ଟ ନିଯୁକ୍ତ ଦିଆଯାଇନାହିଁ। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୂର୍ବରୁ ଏଏନ୍‌ଏମ ଏବଂ ବର୍ତ୍ତମାନ ମାଟ୍ରିକ ଯୋଗ୍ୟତାଧାରୀ ମେଲ ୱାର୍କରମାନଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ଔଷଧ ବିଷୟରେ ଜ୍ଞାନ ନଥିବା ଏବଂ ଔଷଧ ବିଷୟରେ ପାଠ ପଢିନଥିବା କର୍ମଚାରୀ କିଭଳି ଔଷଧ ବିତରଣ କରୁଛନ୍ତି ସେନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେଠାରେ ଅଣ ଫାର୍ମାସିଷ୍ଟମାନେ ଔଷଧ ବିତରଣ କରିବାରେ ବିଳମ୍ୱ ହେଉଥିବା ବେଳେ ଧାଡ଼ିରେ ଠିଆ ହୋଇଥିବା ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।

# କାଗଜ କଲମରେ ସୀମିତ, ନିଦ୍ରାରେ ଅଧିକାରୀ

ଗୋପାଳପୁର,୧୭।୬(ନବୀନ ରାଜ ଆଚାରୀ)

**ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ**

ସଡ଼କ ସୁରକ୍ଷା ଓ ଜୀବନ ରକ୍ଷା ନାରାରେ ପ୍ରତି ବର୍ଷ ସପ୍ତାହେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରି ବିଭିନ୍ନ ଜିଲାରେ କିଭଳି ଗାଡି ଚଳାଇଲେ ଦୁର୍ଘଟଣା ରୋକାଯାଇପାରିବ ସଚେତନ ମଧ୍ୟ କରାଯାଉଛି। ଗାଡ଼ି ଚଳେଇବା ବେଳେ ହେଲମେଟ ପିନ୍ଧିବା ପାଇଁ ବାଧ୍ୟତାମୂଳକ କରିବା ନେଇ ଜିଲାରେ ୨୦୧୮ରେ ନୋ ହେଲମେଟ ନୋ ପେଟ୍ରୋଲ ନିୟମକୁ କାର୍ଯ୍ୟକାରି କରି ପ୍ରଶାସନ ପକ୍ଷରୁ ସବୁ ପେଟ୍ରୋଲ ପମ୍ପମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ ବୋଲି ବିଭିନ୍ନ ପମ୍ପ ସମ୍ମୁଖରେ ବ୍ୟାନର ଲଗାଯାଇଥିଲା। ନିୟମ ଖିଲାପ କଲେ ପେଟ୍ରୋଲ ପମ୍ପ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏହି ନିୟମକୁ କିଛି ମାସ କାର୍ଯ୍ୟକାରି କରାଗଲା। କିନ୍ତୁ ବର୍ତ୍ତମାନ ଏହା କାଗଜ କଲମରେ ହିଁ ସୀମିତି ରହିଯାଇଛି। ପୂର୍ବରୁ ପମ୍ପ ଗୁଡ଼ିକରେ ହେଲମେଟ ନଥିଲେ ପେଟ୍ରୋଲ ଦିଆଯାଉନଥିଲା, ହେଲମେଟ ଥିଲେ ହିଁ ପେଟ୍ରୋଲ ଦିଆଯାଉଥିଲା। ଗୋପାଳପୁର ଓ ଗୋଳନ୍ଥରା ଥାନା ଅଞ୍ଚଳରେ ଥିବା ବିଭିନ୍ନ ପେଟ୍ରୋଲ ପମ୍ପ ଗୁଡ଼ିକରେ ଯିଏ ଯେମିତି ଗଲେ ମଧ୍ୟ ପେଟ୍ରୋଲ ଦିଆଯାଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ବାଇକ ଆରୋହୀମାନେ ହେଲମେଟ ନଥିଲେ ଅନ୍ୟ ବାଇକ ଆରୋହୀଙ୍କୁ ହେଲମେଟ ମାଗି ପେଟ୍ରୋଲ ପକାଇବାର ନଜିର ମଧ୍ୟ ରହିଛି। ୧୬ ନଂ ଜାତୀୟ ରାଜପଥ ଜଗନ୍ନାଥପୁର ଛକଠାରୁ ଗିରିସୋଲା ଯାଏ ରାସ୍ତା ପାର୍ଶ୍ୱରେ ଅନେକ ପେଟ୍ରୋଲ ପମ୍ପ ରହିଛି ହେଲେ କୌଣସି ପମ୍ପ ମାଲିକ ନିୟମ ମାନୁନଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ଜିଲାର ପରିବହନ ଅଧିକାରୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଯାତାୟାତ କରୁଥିଲେ ମଧ୍ୟ ଦୃଷ୍ଟି ନ ପଡିବା ସନ୍ଦେହ ସୃଷ୍ଟି କରୁଛି। ଅନ୍ୟପଟେ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଥିଲେ ମଧ୍ୟ ଜନସାଧାରଣ ସଚେତନ ହେବା ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ସାପ କାମୁଡ଼ାରେ ଗଞ୍ଜାମରେ ସର୍ବାଧିକ ମୃତ୍ୟୁ

ଭୁବନେଶ୍ୱର, ୧୭।୬ (ବନ୍ଦନା ସେଠୀ)

ଓଡ଼ିଶାରେ ପ୍ରତିବର୍ଷ ସାପ କାମୁଡାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଓସ୍‌ଡମା ପରିସଂଖ୍ୟାନ ଅନୁଯାୟୀ, ୨୦୧୫ରୁ ୨୦୨୧ ମଧ୍ୟରେ ସାପ କାମୁଡ଼ାରେ ୬୩୫୧ ବ୍ୟକ୍ତିଙ୍କ ଜୀବନ ଯାଇଛି। ଗଞ୍ଜାମ ଜିଲାରୁ ସର୍ବାଧିକ ୩୦୭ ଜଣଙ୍କ ମୃତ୍ୟୁ ଘଟିଛି।୨୦୧୫ରେ ରାଜ୍ୟରେ ମୋଟ ୫୨୨ ସର୍ପାଘାତ ମୃତ୍ୟୁ ହୋଇଥିବାବେଳେ ୨୦୨୧ରେ ଏହା ଦୁଇଗୁଣ ଅଧିକ ଥିଲା ଅର୍ଥାତ୍ ୧୧୫୯ଜଣଙ୍କ ମୃତ୍ୟୁ ଘଟିଥିଲା। ସର୍ପାଘାତଜନିତ ୪ଲକ୍ଷ ଟଙ୍କା କ୍ଷତିପୂରଣ ପାଇଥିବା ଲୋକଙ୍କ ତାଲିକା ଅନୁଯାୟୀ ଏହି ସଂଖ୍ୟା ପ୍ରଦାନ କରାଯାଇଛି। ମାତ୍ର ସ୍ନେକ ହେଲ୍ପ ଲାଇନର ଅନୁଶୀଳନ ଅନୁଯାୟୀ, ପ୍ରକୃତ ମୃତ୍ୟୁସଂଖ୍ୟା ଏହାଠାରୁ ଢେର୍ ଅଧିକ। କାରଣ ଅନେକ ସାପ କାମୁଡା ମୃତ୍ୟୁକୁ ନେଇ ଅଭିଯୋଗ କିମ୍ବା ବ୍ୟବଚ୍ଛେଦ ହୋଇ ନ ଥିବାରୁ ତାହା ଚପି ଯାଉଛି। ତେବେ ସର୍ପାଘାତ ମୃତ୍ୟୁକୁ ରୋକିବା ବଡ଼ ଚ୍ୟାଲେଞ୍ଜ ହୋଇଥିବାବେଳେ ଏ କ୍ଷେତ୍ରରେ ସାପ ଧରାଳିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ଜନବସତି ମଧ୍ୟରୁ ବିଷଧର ସାପଙ୍କୁ ଉଦ୍ଧାର କରି ଅନ୍ୟତ୍ର ସୁରକ୍ଷିତ ଭାବରେ ସ୍ଥାନାନ୍ତର କରୁ ନ ଥିଲେ ରାଜ୍ୟରେ ବାର୍ଷିକ ସାପ କାମୁଡା ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଉଥାନ୍ତା ବୋଲି ମତ ପ୍ରକାଶ ପାଇଛି।



ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ସାପ କାମୁଡ଼ା ସମ୍ପର୍କରେ ସୂଚନା ଦେଉଛନ୍ତି।

ଶନିବାର ସ୍ନେକ ହେଲ୍ପଲାଇନ୍ ପକ୍ଷରୁ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ 'ସର୍ପାଘାତ ସୁରକ୍ଷା କର୍ମଶାଳା' ଅନୁଷ୍ଠିତ ହୋଇଥିଲା। ଏମ୍‌ସ ଭୁବନେଶ୍ୱରର ଫୋରେନ୍‌ସିକ ମେଡିସିନ୍ ଓ ଟକ୍ସିକୋଲୋଜି ବିଭାଗର ଅତିରିକ୍ତ ପ୍ରଫେସର ଡା. ସୁଦୀପ୍ତ ରଞ୍ଜନ ସିଂହ ଯୋଗଦେଇ, ସାପ ଦେହରୁ ମଣିଷକୁ ସଂକ୍ରମିତ ହେଉଥିବା ଜୁନୋଟିକ ରୋଗ ଏବଂ ଆଖିରେ ସାପ ବିଷ ପଡିଲେ ତାହାର ପ୍ରାଥମିକ ଚିକିତ୍ସା ବିଷୟରେ ବୁଝାଇଥିଲେ। ବିଏମ୍‌ସି ଡାକ୍ତରଖାନାର ମେଡିସିନ୍ ସ୍ପେଶାଲିଷ୍ଟ ଡା. ନିରଞ୍ଜନ ପାଢୀ ସାପ କାମୁଡାର ପ୍ରାଥମିକ ଚିକିତ୍ସା ସହିତ ଗୋଲ୍ଡେନ ଆୱାର୍‌ ଗୁରୁତ୍ୱ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ କଟକ ଏସ୍‌ସିବି ମେଡିକାଲର ମେଡିସିନ୍ ବିଭାଗ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ଜୟନ୍ତ କୁମାର ପଣ୍ଡା ସାପ କାମୁଡାର ଡାକ୍ତରୀ ଚିକିତ୍ସା, ଆଣ୍ଟିଭେନମ, ଆଇସିୟୁ ଓ ସାପ ଧରାଳିମାନେ ବିକଳାଙ୍ଗ ହେବାରୁ କିପରି ବଞ୍ଚିବେ ସେ ନେଇ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ନୋଡାଲ ଅଫିସର (ସ୍ନେକ୍ ବାଇଟ୍) ଡା. ସୁରଜିତ ଗରାବଡୁ ରାଜ୍ୟରେ ସାପ କାମୁଡା ଚିକିତ୍ସା ପାଇଁ ସରକାରୀସ୍ତରରେ ରହିଥିବା ମାଗଣା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ତଥା ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଉପସ୍ଥିତ ରହି ସାପଧରାଳି ଏବଂ ସାପଙ୍କ ପାଇଁ ରହିଥିବା ସୁରକ୍ଷା ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ସ୍ନେକ ହେଲ୍ପଲାଇନ୍ ସଭାପତି ଡା. ସୌର୍ଯ୍ୟ ରଞ୍ଜନ ପରିଡା କର୍ମଶାଳାରେ ବିଶେଷଜ୍ଞମାନେ ଦେଇଥିବା ପରାମର୍ଶ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। କର୍ମଶାଳାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୯୦ଜଣ ସାପ ଉଦ୍ଧାରକାରୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ମହାସ୍ନାନ ପରେ ଭକ୍ତଙ୍କୁ ଦର୍ଶନ ଦେଲେ ମା' ଲକ୍ଷ୍ମୀ

**ଆଜି ମହାପ୍ରଭୁଙ୍କ ନେତ୍ରୋତ୍ସବ**

**ବ୍ରହ୍ମପୁର ଅଫିସ (ତନୁଶ୍ରୀ ନାହାକ)୧୭।୬:** ବସୁମତି ସ୍ନାନ ସହ ଶନିବାର ଶେଷ ହୋଇଛି ନାରୀତ୍ୱର ଗୌରବ ଗାଥା ବର୍ଣ୍ଣନା କରୁଥିବା ଓଡ଼ିଶାର ଗଣପର୍ବ ରଜ। ତିନି ଦିନ ଧରି ରଜ ଦୋଳିରେ ମହିଳା ଓ ଯୁବତୀ ମାନେ ନୂତନ ବସ୍ତ୍ର ପରିଧାନ କରି, ଅଳତା ମେହେନ୍ଦୀ ସମେତ ବିଭିନ୍ନ ଶୃଙ୍ଗାର କରି ସଜାଇ ହୋଇ ମଉଜ ମଜଲିସରେ ମାତିଥିଲେ। ଓଡ଼ିଶାର ପୌରାଣିକ ବିଶ୍ୱାସ ଓ ପରମ୍ପରା ଅନୁସାରେ ଏହି ଦିନ ରଜସ୍ୱଳା ହୋଇଥିବା ମା' ଲକ୍ଷ୍ମୀଙ୍କ ମହାସ୍ନାନ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ଶନିବାର ରେଶମ ସହରରେ କୋର୍ଟପେଟା, ଗୋଷାଣୀନୁଆଗାଁ, ବଡ଼ବଜାର ଖାସ୍ପା ସାହି ସ୍ଥିତ ବଡ଼ ଜଗନ୍ନାଥ ମନ୍ଦିର, ତ୍ରିମୂର୍ତ୍ତି ଜଗନ୍ନାଥ ମନ୍ଦିର, ଗୋଇଲୁଣ୍ଡିସ୍ଥିତ ଜଗନ୍ନାଥ ମନ୍ଦିର ସମେତ ରାମନଗର ସ୍ଥିତ ମହାଲକ୍ଷ୍ମୀ ମନ୍ଦିରରେ ବିଶେଷ ରୀତିନୀତି ପାଳିତ ହୋଇଥିଲା। ତିନି ଦିନ ଧରି ରଜସ୍ୱଳା ପରମ୍ପରା ପାଳନ ପରେ ସକାଳୁ ମା' ଲକ୍ଷ୍ମୀଙ୍କ ମହାସ୍ନାନ ଓ ପରେ ଷୋଡ଼ଶ ଉପଚାର ଅନୁଷ୍ଠିତ ହୋଇଥିଲା। ଏହାପରେ ମା' ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରବିବାର ସକାଳୁ ମହାପ୍ରଭୁଙ୍କ ନେତ୍ରୋତ୍ସବ ଯାତ୍ରା ଅନୁଷ୍ଠିତ ହେବା ନିମନ୍ତେ ଆୟୋଜନ ଆରମ୍ଭ ହୋଇଛି। ସେହିପରି ସନ୍ଧ୍ୟାରେ ଠାକୁରଙ୍କ ନବ ଯୌବନ ଦର୍ଶନ ଅନୁଷ୍ଠିତ ହେବ। ଏନେଇ କୋର୍ଟପେଟା ସ୍ଥିତ ଜଗନ୍ନାଥ ମନ୍ଦିର ପୂଜକ ସୀମାଞ୍ଚଳ ପଣ୍ଡା ପ୍ରକାଶ କରିଛନ୍ତି।

### ଲାଞ୍ଚ ଗ୍ରହଣ ମାମଲା, ତତ୍କାଳୀନ ଫାର୍ମାସିଷ୍ଟ ନିର୍ଦ୍ଦୋଷ

ବ୍ରହ୍ମପୁର,୧୭।୬(ସୁବାସ ଚନ୍ଦ୍ର ପାଢ଼ୀ)- ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଏକ ଲାଞ୍ଚ ଗ୍ରହଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଉଛନ୍ତି ଏମ୍‌କେସିଜି ମେଡିକାଲର ତତ୍କାଳୀନ ଫାର୍ମାସିଷ୍ଟ ମେରୀ ଖାନ। ସେ ବର୍ତ୍ତମାନ ଅବସର ଗ୍ରହଣ କରିସାରିଛନ୍ତି। ପ୍ରକାଶ ଯେ, ପୁରୀ ଜିଲା କୃଷ୍ଣପ୍ରସାଦ ଅଲଣ୍ଡାପାଟଣା ଥାନା ଅଞ୍ଚଳର କିଶୋର ସାମନ୍ତରାୟ ଏମ୍‌କେସିଜିରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ୨୦୧୮ ନଭେମ୍ବର ୨୬ ରେ ଏକ ଦୁର୍ଘଟଣାରେ ସେ ଆହତ ହୋଇ ଏମ୍‌କେସିଜିରେ ଭର୍ତ୍ତି ହୋଇଥିଲେ। ୨୦୧୮ ଡିସେମ୍ବର ୧୩ରେ ତାଙ୍କର ଅସ୍ତ୍ରୋପଚାର ପାଇଁ ସ୍ଥିର ହୋଇଥିଲା। କିଶୋରଙ୍କ ଅସ୍ତ୍ରୋପଚାର ପୂର୍ବରୁ ସେଠାରେ କାର୍ଯ୍ୟରତ ଫାର୍ମାସିଷ୍ଟ ମେରୀ ଖାନ ତାଙ୍କ ପୁଅ ମାନସ ସାମନ୍ତରାୟଙ୍କୁ ୮୦୦ ଟଙ୍କା ଲାଞ୍ଚ ମାଗିଥିଲେ। ସେ ଏନେଇ ଭିଜିଲାନ୍ସଙ୍କୁ ଜଣାଇଥିଲେ। ଘଟଣା ଦିନ ମାନସ, ଫାର୍ମାସିଷ୍ଟ ମେରୀ ଖାନଙ୍କୁ ଏମ୍‌କେସିଜିର ଅସ୍ତ୍ରୋପଚାର ଗୃହ ନିକଟରେ ୮୦୦ ଟଙ୍କା ଲାଞ୍ଚ ଦେଇଥିଲେ। ଭିଜିଲାନ୍ସ ଟିମ ସେଠାରେ ଚଢଉ କରି ଲାଞ୍ଚ ଟଙ୍କା ଜବତ କରିବା ସହ ମେରୀ ଖାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନ ପାଇଥିଲେ। ଉକ୍ତ ମାମଲାର ତଦନ୍ତକାରୀ ଅଧିକାରୀ ତତ୍କାଳୀନ ଇନ୍ସପେକ୍ଟର ଏସ.ଏନ. ପାଣିଗ୍ରାହୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଏହି ମାମଲାର ବିଚାର ବେଳେ ୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ମାମଲାର ରାୟ ପ୍ରକାଶ ବେଳେ ମେରୀ ଖାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦୁଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରସାଦ କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# ମହାନଦୀ ମେଗା ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ଚୁକ୍ତି ସ୍ୱାକ୍ଷର

ଭଞ୍ଜନଗର,୧୭।୬(ବାବୁଲା ପ୍ରଧାନ)

- ୭୭୦ ଗ୍ରାମର ୧୦ ଲକ୍ଷ ଲୋକ ଉପକୃତ ହେବେ
- ୨ବର୍ଷରେ କାର୍ଯ୍ୟ ସରିବ, ୧୫୦୯ କୋଟି ଖର୍ଚ୍ଚ ହେବ



ଏଲ୍‌ଆଣ୍ଡଟି – ଅଧୀକ୍ଷଣଯନ୍ତ୍ରୀଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ।

ମହାନଦୀ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଗଞ୍ଜାମ ଜିଲାର ୧୨ଟି ବ୍ଲକ ଏବଂ ୩ଟି ଏନଏସିର ସମସ୍ତ ଘରକୁ ପାଇପ ଯୋଗେ ପିଇବା ପାଣି ଯୋଗାଣ ହେବ। ଦୁଇ ମାସ ପୂର୍ବେ ଉକ୍ତ କାମର ଟେଣ୍ଡର ପେପର ଖୋଲିଥିଲା। ଏହାପରେ ଗତ ମେ ୨୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅର୍ଥ ମଞ୍ଜୁର କରିଥିଲେ। ଶନିବାର ସନ୍ଧ୍ୟାରେ ଏଲଆଣ୍ଡଟି କମ୍ପାନି ଏବଂ ଭଞ୍ଜନଗର ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଭୁବନେଶ୍ୱର ଯନ୍ତ୍ରୀ ମୁଖ୍ୟ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚୁକ୍ତି ସ୍ୱାକ୍ଷର ସମୟରେ ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ମୁଖ୍ୟ ଇଂ ପ୍ରମୋଦ ନାୟକ, ମୁଖ୍ୟଯନ୍ତ୍ରୀ ଇଂ. ରାଜେନ୍ଦ୍ର କୁମାର, ବ୍ରହ୍ମପୁର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ ସୁରେଶ ଚନ୍ଦ୍ର ମହନ୍ତ, ଭଞ୍ଜନଗର ଅଧିକ୍ଷଣଯନ୍ତ୍ରୀ ଇଂ ସରୋଜ କୁମାର କର, ଏଲଆଣ୍ଡଟି କମ୍ପାନୀ ଓଡ଼ିଶା ମୁଖ୍ୟ ହରିହରଣ କେ. ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୫ ଜୁନ୍ ୧୭ ତାରିଖ ସୁଧା ପ୍ରକଳ୍ପ କାର୍ଯ୍ୟ ସାରିବା ଲକ୍ଷ୍ୟ ରଖାଯାଇଛି। ଏହାପରେ ୫ବର୍ଷ ପର୍ଯ୍ୟନ୍ତ କମ୍ପାନୀ ମରାମତି ଏବଂ ରକ୍ଷାଣବେକ୍ଷଣ ଦାୟିତ୍ୱ ନେବ। ୨୦୨୪ ସୁଧା ସମସ୍ତ ଘରକୁ ପାଇପ ଯୋଗେ ପାଣି ଯୋଗାଣ ପାଇଁ ସରକାର ଯେଉଁ ଲକ୍ଷ୍ୟ ରଖିଥିଲେ ତାହା ଆଉ କିଛିମାସ ବିଳମ୍ବ ହେବ। ପ୍ରକଳ୍ପ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେଲେ ଗଞ୍ଜାମ ଜିଲାର ଭଞ୍ଜନଗର ବ୍ଲକ, ବେଲଗୁଣ୍ଠା ବ୍ଲକ ଓ ଏନଏସି, ସୋରଡ଼ା ବ୍ଲକ, ବୁଗୁଡ଼ା ବ୍ଲକ ଓ ଏନଏସି, ଜଗନ୍ନାଥପ୍ରସାଦ ବ୍ଲକ, ଆସିକା ବ୍ଲକ, ପୋଲସରା ବ୍ଲକ ଓ ଏନଏସି, ଧାରାକୋଟ, ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର ବ୍ଲକ ବାସିନ୍ଦା ଉପକୃତ ହେବେ। ଏଥିସହ ଗଞ୍ଜାମ ବ୍ଲକର ୫ଟି ୩ଟି ପଞ୍ଚାୟତ ଏବଂ ବେଗୁନିଆପଡ଼ା ବ୍ଲକର ୧୯ଟି ପଞ୍ଚାୟତବାସୀ ଏହି ଯୋଜନାରର ସୁଫଳ ପାଇବେ। ଏ ବାବଦରେ ୧୫୦୯ କୋଟି ୯୧ଲକ୍ଷ ୨୦ ହଜାର ୧ ଟଙ୍କା ଖର୍ଚ୍ଚ ହେବ। ନୟାଗଡ଼ ଜିଲା ଗଣିଆ ନିକଟସ୍ଥ ଛାମୁଣ୍ଡିଆ ଠାରୁ ମହାନଦୀରୁ ପାଇପ ଯୋଗେ ଜଗନ୍ନାଥପ୍ରସାଦ ବ୍ଲକ ଗାୟଗଣ୍ଡା ଅଣାଯିବ। ସେଠାରେ ପାଣିକୁ ବିଶୋଧନ କରି ସମସ୍ତ ଅଞ୍ଚଳକୁ ପାଣି ଛଡ଼ାଯିବ। ବର୍ତ୍ତମାନ ଉକ୍ତ ଅଞ୍ଚଳର ୬୦ ପ୍ରତିଶତ ଘରକୁ ପାଇପ ଯୋଗେ ପାଣି ଯୋଗାଣ ହେଉଥିବା ବେଳେ ବଳକା ୪୦ ପ୍ରତିଶତ ଘରକୁ ମେଗା ପ୍ରକଳ୍ପରେ ସାମିଲ କରାଯିବ। ଜଳ ଜୀବନ ମିଶନ ଯୋଜନାରେ ଏହି ପ୍ରକଳ୍ପ ହେଉଛି । ୧୨ଟି ବ୍ଲକ ଅଧୀନରେ ଥିବା ୨୨୮ଟି ପଞ୍ଚାୟତ ଅନ୍ତର୍ଗତ ୭୭୦ ଗ୍ରାମରେ ବସବାସ କରୁଥିବା ୯ଲକ୍ଷ ୯୨ ହଜାର ୩୬୮ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଣ ହେବ ।

# ବିଏମ୍‌ସି ଡିଏଲ୍‌ଆର୍ କର୍ମଚାରୀଙ୍କୁ ନିୟମିତ ଦାବି



ମେୟରଙ୍କ ସହ ଡିଏଲ୍‌ଆର୍ କର୍ମଚାରୀଙ୍କ ଆଲୋଚନା।

ବ୍ରହ୍ମପୁର ଅଫିସ,୧୭।୬ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ରେ କାର୍ଯ୍ୟରତ ୨୦୦ରୁ ଊର୍ଦ୍ଧ୍ୱ ଡିଏଲଆର କର୍ମଚାରୀ ବିଭିନ୍ନ ଦାବି ସମୂହକୁ ନେଇ ଶନିବାର ବିଏମସି ମେୟର ସଂଘମିତ୍ରା ଦଳେଇଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। କର୍ମଚାରୀଙ୍କ ଦାବି ମୁତାବକ, ୧୯୯୩ରୁ ଡିଏଲଆର କର୍ମଚାରୀମାନେ କାର୍ଯ୍ୟ କରିଆସୁଥିଲେ ସୁଦ୍ଧା ରାଜ୍ୟ ସରକାର ସେମାନଙ୍କୁ ନିୟମିତ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ୧୯୯୩ ପୂର୍ବରୁ କାର୍ଯ୍ୟରେ ଯୋଗ ଦେଇଥିବା କର୍ମଚାରୀ ଅଦ୍ୟାବିଧି ନିୟମିତ ହୋଇଛି। କିନ୍ତୁ ୧୯୯୩ଠାରୁ କାର୍ଯ୍ୟରତ କର୍ମଚାରୀଙ୍କ ନିୟମିତ କରାଯାଇ ନାହିଁ। ଏପରିକି ବହୁ କର୍ମଚାରୀଙ୍କ ଅବସର ଗ୍ରହଣ ସମୟ ଆସିଥିବା ବେଳେ ସେମାନଙ୍କୁ ନିୟମିତ ଦିଗରେ କୌଣସିପଦକ୍ଷେପ ଗ୍ରହଣ କରାଯାଇ ନ ଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ମେୟର କହିଥିଲେ ଯେ, ଏ ବାବଦରେ ଆସନ୍ତା କାଉନସିଲ ବୈଠକରେ ଆଲୋଚନା କରାଯାଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

# ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

ବେଗୁନିଆପଡ଼ା,୧୭।୬ (ସୁଶାନ୍ତ ପଟ୍ଟନାୟକ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ କାତିରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ନୂଆଁଦିଗିରୁ ଅଭିଯୁକ୍ତଙ୍କୁ କୋଦଳା ପୋଲିସ ଶନିବାର କୋର୍ଟ ଚାଲାଣ କରିଛି । ସେ ହେଲେ ମନୋଜ ପ୍ରଧାନ(୨୧)। ମନୋଜ ଅର୍ଜୁନ ସ୍ୱାଇଁଙ୍କୁ କାତିରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଲୁହା କାତି ମଧ୍ୟ ପୋଲିସ ଜବତ ପୋଲିସ। ଏ ନେଇ ନଂ.୨୭୨ /୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଅର୍ଜୁନ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ବାସନ୍ତୀ



@ ଜଗନ୍ନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଘର ବିକ୍ରି ନାଁରେ ୧୫ ଲକ୍ଷ ଠକେଇ

ବ୍ରହ୍ମପୁର,୧୭।୬(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ସମ୍ପର୍କିୟ ନିଜର ଆର୍ଥିକ ସ୍ଥିତି ଖରାପ ଥିବା ଦର୍ଶାଇ ୩୦ଲକ୍ଷ ଟଙ୍କାର ଘର ବିକ୍ରି କରିବାକୁ କହି ୧୫.୫୦ଲକ୍ଷ ଟଙ୍କା ଅଗ୍ରୀମ ନେଇଥିଲେ। କିନ୍ତୁ ଅନ୍ୟଜଣକୁ ଘର ବିକି ଦେଇଥିବା ବେଳେ ଅଗ୍ରୀମ ଟଙ୍କା ନ ଫେରାଇବାରୁ ଟଙ୍କା ଦେଇଥିବା ମହିଳା ଏସପିଙ୍କ ନିକଟରେ ଫେରାଦ ହୋଇଥିଲେ। ଏସପିଙ୍କ ନିର୍ଦ୍ଦେଶକ୍ରମେ ବଡ଼ବଜାର ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଆଇନାବନ୍ଧ ସାହିର ଜଣେ ଯୁବକଙ୍କ ଚନ୍ଦ୍ରମାପେଟା ସାହିର ରାଜେନ୍ଦ୍ର ଗୁପ୍ତାଙ୍କ ପରିବାର ସହ ୧୦ବର୍ଷ ହେଲା ଭଲ ସମ୍ପର୍କ ଥିଲା। ରାଜେନ୍ଦ୍ରଙ୍କ ସ୍ତ୍ରୀ ନମିତାଙ୍କୁ ଉକ୍ତ ଯୁବକ ଜଣଙ୍କ ନିଜର ଆର୍ଥିକ ସ୍ଥିତି ଖରାପ ଥିବା ଦର୍ଶାଇ ଘର ବିକିବାକୁ କହିଥିଲେ। ଯାହାର ମୂଲ୍ୟ ୩୦ଲକ୍ଷ ଟଙ୍କା ବୋଲି ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ନମିତାଙ୍କ ଠାରୁ ସେ ଗତ ୨୦୧୯ ଅଗଷ୍ଟ ୭ରେ ୧୫.୫୦ଲକ୍ଷ ଟଙ୍କ ଅଗ୍ରୀମ ନେଇଥିଲେ। ୯ ଅଗଷ୍ଟରେ ଏଗ୍ରୀମେଣ୍ଟ ଡ୍ରାଫ୍ଟରେ ସେ ହସ୍ତାକ୍ଷର କରିଥିଲେ। କିଛି ଦିନ ପରେ ନମିତା ବ୍ରହ୍ମପୁର ତହସିଲ ଅଫିସକୁ ଯାଇ ବୁଝିବାରୁ ସେହି ଜାଗାଟି ସେହିବର୍ଷ ନଭେମ୍ବର ୭ରେ ଅନ୍ୟ ଜଣେ ମହିଳାଙ୍କୁ ବିକ୍ରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ଉକ୍ତ ଯୁବକଙ୍କୁ ପଚାରିବାରୁ ସେ ନେଇଥିବା ଅଗ୍ରୀମ ଟଙ୍କା ଫେରସ୍ତ ପାଇଁ ଦୁଇଟି ଚେକ୍ (୨ଲକ୍ଷ ଏବଂ ୧୨ଲକ୍ଷ) ପ୍ରଦାନ କରିଥିଲେ। ଉକ୍ତ ଚେକ୍ ସମ୍ପୃକ୍ତ ବ୍ୟାଙ୍କରେ ଡିପୋଜିଟ୍ କରିବାରୁ ତାହା ବାଉନ୍ସ ହୋଇଯାଇଥିଲା। ଯୁବକଙ୍କ ଆକାଉଣ୍ଟରେ ଏତେ ପରିମାଣର ଟଙ୍କା ନଥିବା ଜଣାପଡ଼ିଥିଲା। ତେଣୁ ଠକାମୀର ଶିକାର ହୋଇଥିବା ଜାଣି ନମିତା ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ।

# ସମିତି ସଭ୍ୟା ସଭ୍ୟଙ୍କ ୧୦ ଦଫା ଦାବି

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଛତ୍ରପୁର,୧୭।୬(ସନ୍ତୋଷ ପାଢ଼ୀ )




ସମିତି ସଭ୍ୟା ସଭ୍ୟମାନେ ଦାବିପତ୍ର ଦେଇ ଫେରୁଛନ୍ତି।

ଗଞ୍ଜାମ ଜିଲା ସମିତି ସଭ୍ୟା ସଭ୍ୟଙ୍କ ୧୦ ଦଫା ଦାବି ପୂରଣ ଲାଗି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ଶନିବାର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ସରକାରୀ ବ୍ୟବସ୍ଥା ଅନୁଯାୟୀ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତିରେ କାର୍ଯ୍ୟ କରିବାର ଉତ୍ତମ ପରିବେଶ ସୃଷ୍ଟି କରାଯାଉ, ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧି ଭାବେ ବାର୍ଷିକ ୨୦ ଲକ୍ଷ ଟଙ୍କାର ପାଣ୍ଠି ବ୍ୟବସ୍ଥା, ସବୁ ବୈଠକରେ ସମିତିସଭ୍ୟଙ୍କ ସାକ୍ଷର ନେବା, ସମିତି ସମିତିସଭ୍ୟମାନଙ୍କ ମାସିକ ଭତ୍ତା ଅତି କମରେ ୧୫ ହଜାର ଟଙ୍କାକୁ ବୃଦ୍ଧି, ପ୍ରତ୍ୟେକ ମାସିକ ବୈଠକ ସମ୍ପର୍କରେ ବ୍ଲକ କର୍ତ୍ତୃପକ୍ଷ ଚିଠି ଦ୍ୱାରା ସମିତି ସମିତିସଭ୍ୟ ସଭ୍ୟମାନଙ୍କୁ ଜଣାଇବା, ଗ୍ରାମପଞ୍ଚାୟତରେ ଆଗତ ରେକୁଲେସନ ପଞ୍ଚାୟତ ସମିତିରେ ଗୃହୀତ ହେବା ପୂର୍ବରୁ ତାହା ସମ୍ପୃକ୍ତ ସମିତିସଭ୍ୟଙ୍କ ଦୃଷ୍ଟିକୁ ଆଣିବା, ମନରେଗା ପ୍ରକଳ୍ପ ଗୁଡ଼ିକର ୫୦ ଶତକଡ଼ା କାର୍ଯ୍ୟ ପଞ୍ଚାୟତ ସମିତି ମାଧ୍ୟମରେ କରିବା, ମନରେଗା ପ୍ରକଳ୍ପର ବିଲ ଗୃହୀତ ହେବା ପୂର୍ବରୁ ମାଷ୍ଟର ରୋଲରେ ସମିତିସଭ୍ୟଙ୍କ ଦସ୍ତଖତକୁ ବାଧ୍ୟତାମୂଳକ କରାଯାଉ ଆଦି ରହିଛି। ଏହି ୧୦ ଟି ଦାବି ପୂରଣ ଲାଗି ନିବେଦନ କରାଯାଇଛି।

# ରାଜ୍ୟସ୍ତରୀୟ ପେନକାକ ସିଲେଟ ପ୍ରତିଯୋଗିତାରେ ବ୍ରହ୍ମପୁରର ଦୁଇ ପ୍ରତିଯୋଗୀ

ବ୍ରହ୍ମପୁର ଅଫିସ,୧୭।୬ (ତନୁଶ୍ରୀ ନାହାକ)



ଦୁଇ ପ୍ରତିଯୋଗୀ

କେନ୍ଦୁଝର ବଡ଼ବିଲଠାରେ ରବିବାର ଷଷ୍ଠ ରାଜ୍ୟସ୍ତରୀୟ ବରିଷ୍ଠ ପେନକାକ ସିଲେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଗଞ୍ଜାମ ଜିଲା ପେନକାକ ସିଲେଟ ସଂଘ ପକ୍ଷରୁ ୧୭ ବର୍ଷରୁ ଊର୍ଦ୍ଧ୍ୱ ଦୁଇ ପ୍ରତିଯୋଗୀ ବଡ଼ବିଲ ଅଭିମୁଖେ ଯାତ୍ରା କରିଛନ୍ତି। ଦୁଇ ପ୍ରତିଯୋଗୀ ହେଲେ ଇପସିତା କୁମାରୀ ଓ ରିତିସ କୁମାର। ପ୍ରତିଯୋଗୀମାନେ ବ୍ରହ୍ମପୁର ପାଣିଗ୍ରାହୀ ପେଣ୍ଠ ଗଣେଷ ନଗର ୪ର୍ଥ ଲାଇନ ସ୍ଥିତ ପେନକାକ ସିଲେଟ ଆସୋସିଏଶନରେ ଦୀର୍ଘ ଦିନ ଧରି ତାଲିମ ଗ୍ରହଣ କରିଆସୁଥିଲେ। ପ୍ରତିଯୋଗୀଙ୍କ ସହ କୋଚ ଶ୍ରୀଧର ସାହୁ ଶନିବାର ବ୍ରହ୍ମପୁରରୁ ବଡ଼ବିଲ ଅଭିମୁଖେ ଯାତ୍ରା କରିଛନ୍ତି।

# ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ ପାଇଁ ଟିପିଏସ୍‌ଓଡିଏଲ୍‌ର ପଦକ୍ଷେପ

ବ୍ରହ୍ମପୁର ଅଫିସ,୧୭।୬ (ସ୍ମୃତି ରଞ୍ଜନ ମହାଲିକ)



ଟିପିଏସ୍‌ଓଡିଏଲ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ।

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହ ଆକଳନକୁ ଦୃଷ୍ଟିରେ ରଖି ତଥା ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏସ୍‌ଓଡିଏଲ) ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ପକ୍ଷରୁ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କ୍ଷେତ୍ରରେ ୪୨୦୦ କର୍ମଚାରୀ ମୁତୟନ କରାଯାଇଛି। ଏପରିକି କାର୍ଯ୍ୟ କ୍ଷେତ୍ରରେ କର୍ମଚାରୀଙ୍କୁ ବିଦ୍ୟୁତ ଖୁଣ୍ଟି, କଣ୍ଡକ୍ଟର, ଆସେସୋରିଜ, ହାଇଡ୍ରା ଓ ପୋଲ ମାଷ୍ଟର ପ୍ରଦାନ କରାଯାଇଛି। ରାତ୍ରି ସମୟରେ ପୁନଃରୁଦ୍ଧାର କାର୍ଯ୍ୟ ପାଇଁ ଆଲୋକର ବ୍ୟବସ୍ଥା କରାଯାଇଛି। ଏଥିସହ ଜରୁରୀକାଳୀନ ସ୍ଥିତି ପାଇଁ ୭୦୦ କର୍ମଚାରୀ ଯେକୌଣସି ସମୟରେ ମୁତୟନ ପାଇଁ ପ୍ରସ୍ତୁତ ରହିଛନ୍ତି। ବର୍ତ୍ତମାନର ସ୍ଥିତିକୁ ନଜରରେ ରଖି ଟିପିଏସ୍‌ଓଡିଏଲର ସମସ୍ତ ବୈଷୟିକ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି, ଯାହା ଗ୍ରାହକଙ୍କୁ ସେବା ପ୍ରଦାନ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି। ଗ୍ରାହକଙ୍କ ପ୍ରଶ୍ନ ଓ ଅଭିଯୋଗର ପରିଚାଳନା କରିବା ପାଇଁ କଲ ସେଣ୍ଟରରେ ଅଧିକ କର୍ମଚାରୀ ମୁତୟନ କରାଯାଇଛି। ପାହାଡିଆ ଓ ଅସୁବିଧା ଅଞ୍ଚଳକୁ ଉପକରଣ ପରିବହନ ପାଇଁ ସ୍ଥାନୀୟ ପ୍ରଶାସନ ଓ ଓଡିଶା ବିପର୍ଯ୍ୟସ୍ତ ପ୍ରଶମନ ବଳ (ଓଡ୍ରାଫ) ସହ ସମନ୍ୱୟ ସମେତ ପୁନଃରୁଦ୍ଧାର କାର୍ଯ ପାଇଁ ଟିପିଏସଓଡିଏଲ ପକ୍ଷରୁ ଅତିରିକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଟିପିଏସଓଡିଏଲ ସିଇଓ ଅମିତ ଗର୍ଗ କହିଛନ୍ତି ଯେ, ସଂପ୍ରତି ଜାରି ରହିଥିବା ଗ୍ରୀଷ୍ମ ପ୍ରବାହ ଭଳି ଆହ୍ୱାନପୂର୍ଣ୍ଣ ପାଣିପାଗ ସ୍ଥିତିରେ ମଧ୍ୟ ଗ୍ରାହକଙ୍କୁ ଗୁଣାତ୍ମକ ବିଦ୍ୟୁତ ଯୋଗାଇବା ସଂପୂର୍ଣ୍ଣ ପ୍ରତିବଦ୍ଧ ରହିଛୁ। ଦକ୍ଷ କର୍ମଚାରୀ ମୁତୟନ, ସ୍ୱତନ୍ତ୍ର ଉପକରଣ ଓ ସଂପୃକ୍ତ ଅଧିକାରୀ ସହ ସହଯୋଗିତା ଆମକୁ ବିଦ୍ୟୁତ ବିଭ୍ରାଟ ବେଳେ ଶୀଘ୍ର ପଦକ୍ଷେପ ନେବା ଓ ନିରବିଚ୍ଛିନ୍ନ ସେବାକୁ ସୁନିଶ୍ଚିତ କରିବାରେ ସକ୍ଷମ କରିଛି ବୋଲି ସେ କହିଛନ୍ତି।

# ଟାଟା ପାୱାର, ଇନଭର୍ଟର ଓ ଷ୍ଟେବଲାଇଜର କମ୍ପାନୀ ମଧ୍ୟରେ ମଧୁଚନ୍ଦ୍ରିକା

ବ୍ରହ୍ମପୁର ଅଫିସ,୧୭।୬ (ସ୍ମୃତି ରଞ୍ଜନ ମହାଲିକ)

## ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଅଭିଯୋଗ

ମନମୁଖୀ ବିଜୁଳି ବିଲ, ମନମୁଖୀ ବିଦ୍ୟୁତ କାଟ, ଲୋ ଭୋଲଟେଜ ଆଦି କ୍ଷେତ୍ରରେ ଟାଟା ପାୱାର ଇନଭର୍ଟର ଓ ଷ୍ଟେବଲାଇଜନର କମ୍ପାନୀ ସହ ମଧୁଚନ୍ଦ୍ରିକା ହୋଇଥିବା ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ଏପରିକି ବ୍ରହ୍ମପୁର ଏମ୍‌ପି ଓ ବିଧାୟକ ମଧ୍ୟ ଚୁପ ରହିଥିବା କମିଟି କହିଛି। ଏସବୁ ସ୍ଥଳେ ବ୍ରହ୍ମପୁରବାସୀ ଗରମରେ ଆଉଟୁ ପାଉଟୁ ହେଉଛନ୍ତି। ସମଗ୍ର ଭାରତ ବର୍ଷରେ ଓଡିଶା ବିଜୁଳି ବିଭାଗରେ ଓ ବ୍ୟବସ୍ଥାରେ ସଂସ୍କାର ଆଣିବାରେ ପ୍ରଥମ ରାଜ୍ୟ। ବିଦ୍ୟୁତ ଉତ୍ପାଦନ, ବିତରଣ, ଯୋଗାଣ ଓ ପରିଚାଳନାକୁ ପୃଥକ ପୃଥକ ସ୍ୱାଧୀନ ୟୁନିଟ କରିଥିଲା। କିନ୍ତୁ ଉପଯୁକ୍ତ ଓ ବୃତ୍ତିଗତ ଢଙ୍ଗରେ ସଂସ୍କାରକୁ କାର୍ଯ୍ୟକାରୀ କରିବାରେ ଅପାରଗତା ଓ ବିଫଳତା ହୋଇଥିବା କମିଟି ଅଭିଯୋଗ କରିଛି। ରାଜ୍ୟରେ ତାପଜ ଓ ଜଳ ବିଦ୍ୟୁତ ଉତ୍ପାଦନ ନିମନ୍ତେ ସାଧନ ଓ ସମ୍ପଦକୁ ବ୍ୟବହାର କରି ଯଥେଷ୍ଟ ବିଜୁଳି ଉତ୍ପାଦନ କରୁଛି। ଏପରିକି ବଳକା ବିଜୁଳି ଅନ୍ୟ ରାଜ୍ୟକୁ ବିକୁଛନ୍ତି ବୋଲି ରାଜ୍ୟ ସରକାର ରିପୋର୍ଟ ପ୍ରଦାନ କରୁଛନ୍ତି। କିନ୍ତୁ ବିଜୁଳି ସବୁଠାରୁ ମହଙ୍ଗା ଓ ଅନେକ ସମୟ ଯାଏଁ ଗ୍ରୀଡ ପରିଚାଳନା ଏବଂ ମରାମତି ନାମରେ ଘଣ୍ଟା ଘଣ୍ଟା ପାୱାର କାଟ ହେଉଛି। ବିଶେଷ କରି ଖରା ଦିନରେ ପରିସ୍ଥିତି ଉତ୍କଟ ହୋଇପଡିଛି। ଯାହାଦ୍ୱାରା ପ୍ରତିବାଦ ମଧ୍ୟ ବୃଦ୍ଧି ପାଇଛି। କିନ୍ତୁ ଯେଉଁଠାରେ ପ୍ରତିବାଦ ହେଉଛି ସେଠାରେ କମ୍ପାନୀକୁ ସୁରକ୍ଷା ଦେବାକୁ ଯାଇ ଲୋକଙ୍କୁ ଆଇନର ଭୟ ଦେଖାଇ ଚୁପ କରାଯିବାକୁ ଚେଷ୍ଟା କରାଯାଉଛି। ଏଣୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଧୈର୍ଯ୍ୟର ପରୀକ୍ଷା ନ ନେଇ ପରିସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ନିଜେ ହସ୍ତକ୍ଷେପ କରି ସମୀକ୍ଷା ବୈଠକ ଡାକିବା ପାଇଁ କମିଟି ଦାବି କରିଛି। ଏଥିସହ ଶକ୍ତି ବିଭାଗ ଓ ଟାଟା ପାୱାରକୁ କଡା ନିର୍ଦ୍ଦେଶ ଜାରି କରିବା ପାଇଁ କମିଟି ଦାବି କରିଛି। ରାଜ୍ୟ ସରକାର ଉପଲବ୍ଧ ଥିବା ଭିତ୍ତିଭୂମିକୁ ବ୍ୟବହାର କରି ମୁନାଫା କମାଇବା ମନୋବୃତ୍ତି ଛାଡି ଟାଟା ପାୱାର ନିଜସ୍ୱ ପୁଞ୍ଜି ବିନିଯୋଗ କରି ନୂଆ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରି ପୁରୁଣା ହୋଇଯାଇଥିବା ଯନ୍ତ୍ରପାତି ଓ ତାର ଗୁଡିକୁ ବଦଳାଇବା ପାଇଁ କମିଟି ଦାବି କରିଛି। ଭୂତଳ ବିଦ୍ୟୁତ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ଯୁଦ୍ଧକାଳୀନ ଭିତ୍ତିରେ ଟାଇମ ବାଉଣ୍ଡ ମ୍ୟାନରରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି କମିଟି କହିଛି। ସପ୍ତାହକ ମଧ୍ୟରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରା ନ ଗଲେ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି।

